# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 September - 2024**

News Editor : *Itishree Singh Rathaur*

---

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି  ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ ହେବ ।  ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ ୨୦୧୬ ସଂପର୍କିତ ସଂଶୋଧନ ପ୍ରସ୍ତାବ ସହିତ ଆଇନ ବିଭାଗର ୨ଟି ପ୍ରସ୍ତାବ କ୍ୟାବିନେଟ୍‌ରେ ଆଲୋଚନା ହେବାର ସମ୍ଭାବନା ରହିଛି ।

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ।  ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।   ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ

କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ଆସନ୍ତାକାଲି ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍

ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ଲୋଗୋକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ସନ୍ଧ୍ୟାରେ ଉନ୍ମୋଚନ କରିଛନ୍ତି । ବିଶ୍ୱରେ ଓଡ଼ିଶାକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗର ପେଣ୍ଠସ୍ଥଳୀ ଭାବେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଉତ୍କର୍ଷ ଓଡ଼ିଶା ୨୦୨୫ ନିବେଶକମାନଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟର ଦ୍ରୁତ ଶିଳ୍ପାୟନର ଯାତ୍ରାକୁ ନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି ଭବିଷ୍ୟତରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ଅଭିନବତ୍ୱ ଏବଂ ସ୍ଥାୟୀତ୍ୱକୁ ନେଇ ନିବେଶକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

## ରାସନକାର୍ଡ-ଗହମ

ରାସନକାର୍ଡ଼ ହିତାଧିକାରୀମାନଙ୍କୁ ଆସନ୍ତା ଅକ୍ଟୋବର ମାସରୁ ଚାଉଳ ସହ ଗହମ ମିଳିପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ପୂର୍ବରୁ ଗହମ ବଦଳରେ ହିତାଧିକାରୀମାନଙ୍କୁ

ଚାଉଳ ଦେବା ପାଇଁ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ରାଜ୍ୟର ହିତାଧିକାରୀମାନଙ୍କୁ ଗହମ ଯୋଗାଇଦେବା ପାଇଁ ଅନୁରୋଧ କରାଯିବା ପରେ ଏହି ପ୍ରକ୍ରିୟା ସରଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

# ପିଆଜ ଯୋଗାଣ

ରାଜ୍ୟ ସରକାର ଖାଉଟିମାନଙ୍କୁ ସୁଲଭ ଦରରେ ପିଆଜ ଯୋଗାଇ ଦେବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ପିଆଜର ଦର ନିୟନ୍ତ୍ରଣ ପାଇଁ ସରକାର ନାଫେଡ ଜରିଆରେ କିଲୋପିଛା ୩୫ ଟଙ୍କା ମୂଲ୍ୟରେ ଭୁବନେଶ୍ୱର ଓ ଏହାର ଉପକଣ୍ଠ ଅଞ୍ଚଳରେ ଯୋଗାଇ ଦେଉଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ନାଫେଡ ମାଧ୍ୟମରେ ଖୁବ୍‌ଶୀଘ୍ର ପିଆଜ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

# ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ଆସନ୍ତା ୩୦ ତାରିଖ ସୋମବାର ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ସ୍ୱତନ୍ତ୍ର ଟ୍ରେନ୍

ପାର୍ବଣ ଋତୁରେ ଦେଶରେ ସାଢ଼େ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଦୁର୍ଗାପୂଜା, କାଳୀପୂଜା, ଛଟ୍‌ପୂଜା ଆଦି ପାର୍ବଣ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଯୋଗୁଁ ୧ କୋଟିରୁ ଅଧିକ ଯାତ୍ରୀ ଉପକୃତ ହେବେ। ପୂର୍ବତଟ ରେଳପଥ ପକ୍ଷରୁ ୧୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଶହୀଦ ଦିବସ

ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଠାରେ ଆଜି ଶହୀଦ ଦିବସ ପାଳନ କରାଯାଉଛି । ପ୍ରଭାତଫେରୀ, ତିଳ ତର୍ପଣ ଏବଂ ଶହୀଦ ପୀଠରେ ଲୋକମାନେ ମାଲ୍ୟାର୍ପଣ କରିବା ସହ ପୋଲିସ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଛି । ସୂଚନାଯୋଗ୍ୟ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଇଂରେଜ ଶାସନ ବିରୁଦ୍ଧରେ ଲଢ଼େଇ କରି ଆଜିର ଦିନରେ ୨୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ ।

# ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ସଂକ୍ରମିତ ପ୍ରାଣୀର ଲାଳ ସଂସ୍ପର୍ଶରେ

ଆସିଲେ ଜଣେ ଲୋକକୁ ଜଳାତଙ୍କ ରୋଗ ହୋଇଥାଏ । ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖିବାକୁ ସହିତ ମାଂସଭୋଜି ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରହିବା ପାଇଁ ସଚେତନ କରାଯାଉଛି । କୁକୁର କାମୁଡ଼ା ଯୋଗୁଁ ବ୍ୟକ୍ତି ଭୂତାଣୁ ସଂକ୍ରମିତ ହୋଇଥିଲେ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଜଳାତଙ୍କ ରୋଗ ବିଷୟରେ ସଚେତନ ରହିବା ସହିତ ସମସ୍ତଙ୍କର ସୁସ୍ଥ ଜୀବନ କାମନା କରିଛନ୍ତି ।

---

## ବକେୟା ଦରମା

ରାଜ୍ୟର ଶିଳ୍ପୀମାନଙ୍କର ବର୍ଦ୍ଧିତ ବକେୟା ଦରମା ଖୁବ୍‌ଶୀଘ୍ର ଦିଆଯିବ ବୋଲି ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ତାଲିମ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ମଧ୍ୟ ବର୍ଦ୍ଧିତ ବକେୟା ଛାତ୍ରବୃତ୍ତି-ଷ୍ଟାଇପେଣ୍ଡ୍ ମଧ୍ୟ ମିଳିବ । ଓଡ଼ିଶା ଶିଳ୍ପୀ ମହାସଂଘ ଚଳିତମାସ ୨୧ ତାରିଖରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ସାକ୍ଷାତ କରି ବର୍ଦ୍ଧିତ ବକେୟା ଦରମା ବାବଦରେ ଆଲୋଚନା କରିଥିଲେ ।

---